ଅରୁଣିମା

Arunima

A Newsletter of TPSØDL

VOL - 03 | ISSUE 5 | APRIL, 2026

TPSØDL

TP SOUTHERN ODISHA
DISTRIBUTION LIMITED

(A Joint Venture of Tata Power and Government of Odisha)

# CONNECTING LIVES







TPSODL receives the Rural Power Distribution Performane Beacon Award at the Times Business Awards

---

TPSODL Electrifies 274 Tribal Habitations Across Southern Odisha

# Executive Spotlight

## ଆଳାପ

## "ଉପଭୋକ୍ତାଙ୍କ ସୁରକ୍ଷା ସାଙ୍ଗକୁ ବିଦ୍ୟୁତ ଭିତ୍ତିଭୂମିର ବିକାଶକୁ ଆମେ ପ୍ରାଥମିକତା ଦେଉଛୁ..."

**ଏଟିପିଏସ୍ଓଡିଏଲର ଭଞ୍ଜନଗର ସର୍କଲର ମୁଖ୍ୟ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି ଶ୍ରୀ ଅଭିଜିତ ପାଢ଼ୀ । ଗଞ୍ଜାମ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ନେଇ ଗଠିତ ଏହି ସର୍କଲର ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସୁନିଶ୍ଚିତ କରିବା ପାଇଁ ସେ ଓ ତାଙ୍କ ଟିମ୍ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଦ୍ୟୁତ ଭିତ୍ତିଭୂମିର ବିକାଶ କରିବା ସହିତ ନୂତନ ଟେକ୍ନୋଲୋଜି ବ୍ୟବହାର କରି ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଯାତ୍ରା ଜାରି ରଖିଛନ୍ତି । ତାଙ୍କର ବୃତ୍ତିଗତ ଜୀବନ ଓ ବ୍ୟକ୍ତିଗତ ଜୀବନକୁ ନେଇ ସେ ଏଥରର ଆଳାପରେ ଆମ ସହ ଅଛନ୍ତି । ଆସନ୍ତୁ, ତାଙ୍କ ବିଷୟରେ ଜାଣିବା ।**



**୧. ଭଞ୍ଜନଗର ସର୍କଲ ମୁଖ୍ୟ ଭାବରେ, ଏହି ଅଞ୍ଚଳରେ ଭରସାଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ଆପଣ କେଉଁ ପଦକ୍ଷେପମାନ ଗ୍ରହଣ କରିଛନ୍ତି ?**

**ଉତ୍ତର-** ଗଞ୍ଜାମ ଜିଲ୍ଲାର ୪ଟି ବ୍ଲକ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ନେଇ ଭଞ୍ଜନଗର ସର୍କଲ । ସୁରକ୍ଷା, ଭିତ୍ତିଭୂମି ବିକାଶକୁ ଆଧାର ଭାବେ ନେଇ ଗୁଣାତ୍ମକ ବିଜୁଳି ଯୋଗାଣ ନିମନ୍ତେ ସର୍ବଦା ପ୍ରାଥମିକତା ଦେଇ ଆସିଛୁ । ଭିତ୍ତିଭୂମିକୁ ସମୟ ଥାଇ ମରାମତି କରିବା ଓ ପୁନରୁଦ୍ଧାରକୁ ଗୁରୁତ୍ୱ ଦେଇ ଆମେ ଏକ ସୁଦୃଢ଼ ବିଜୁଳି ନେଟୱର୍କ ତିଆରି କରିପାରିଛୁ । ସରକାରୀ ଅନୁଦାନରେ ନୂଆ ବିଜୁଳି ଭିତ୍ତିଭୂମି ତିଆରିଠାରୁ ଆରମ୍ଭ କରି ଏକ ପ୍ରଭାବଶାଳୀ ବିଦ୍ୟୁତ କ୍ଷେତ୍ର ତିଆରି କରିବା ନିମନ୍ତେ ଆବଶ୍ୟକୀୟ ରିଅଲ୍ ଟାଇମ୍ ମନିଟରିଂ ଭଳି ସ୍ୱୟଂଚାଳିତ ବ୍ୟବସ୍ଥା-ସ୍କାଡା, ସ୍ମାର୍ଟ ମିଟର ଓ ମାନବ ସମ୍ବଳକୁ ଆମେ କାମରେ ଲଗାଇଛୁ ।

**୨. ଭଞ୍ଜନଗର ସର୍କଲର ଅନେକ ସ୍ଥାନ ପ୍ରମୁଖ ହାତୀ ଗତିବିଧି କରିଡ଼ରର ଅଂଶ, ତେଣୁ ବନ୍ୟଜନ୍ତୁଙ୍କ ସୁରକ୍ଷା ଏଠାରେ ଏକ ବଡ଼ ପ୍ରଶ୍ନ । ହାତୀ ସମ୍ବନ୍ଧୀୟ ବୈଦ୍ୟୁତିକ ଦୁର୍ଘଟଣା ରୋକିବା ନିମନ୍ତେ କଣ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ?**

**ଉତ୍ତର -** ଭଞ୍ଜନଗର ସର୍କଲ ଅଧୀନରେ ୫ ଟି ବନ ଡିଭିଜନ ରହୁଛି । ତନ୍ମଧ୍ୟରୁ ଗଞ୍ଜାମରେ ୨ଟି, କନ୍ଧମାଳରେ ୨ଟି ଓ ବୌଦ୍ଧରୁ ଗୋଟିଏ ବନ ଡିଭିଜନ ରହିଛି । ଏହିସବୁ ଅଞ୍ଚଳରେ ହାତୀମାନଙ୍କର ଗତିବିଧି ରହୁଥିବା ହେତୁ ସେମାନେ ନିକଟବର୍ତ୍ତୀ ଗ୍ରାମ ଓ ଆଖପାଖ ଅଞ୍ଚଳକୁ ମଧ୍ୟ ପଶିଆସୁଛନ୍ତି । ଏଭଳି ସ୍ଥଳେ ଉଭୟ ହାତୀ ଓ ଆମ ଉପଭୋକ୍ତାଙ୍କ ନିମନ୍ତେ ବିଦ୍ୟୁତ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଆମେ ଧ୍ୟାନ ଦେଉଛୁ । ହାତୀ କରିଡର ଉପରେ ଥିବା ବିଜୁଳି ଲାଇନଗୁଡ଼ିକୁ ନିୟମିତ ଭାବେ ଯାଞ୍ଚ କରାଯାଉଛି ଓ ଆବଶ୍ୟକୀୟ ମରାମତି ହେଉଛି । ଏହାବ୍ୟତୀତ ସରକାରୀ ଯୋଜନା ଅଧୀନରେ କରିଡ଼ର ନିକଟରେ ଥିବା ବିଜୁଳି ଲାଇନଗୁଡ଼ିକର ସୁଦୃଢ଼ୀକରଣ କରାଯାଉଛି । ବନ ବିଭାଗ ଟିମ୍ ସହ ମିଶି ଆମେ ନାଇଟ୍ ପାଟ୍ରୋଲିଂ ମଧ୍ୟ କରୁଛୁ । କମ୍ପାନୀ ପକ୍ଷରୁ ଗଜ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ହାତୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଓ ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି ।

**୩. ଭଞ୍ଜନଗର ସର୍କଲରେ କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ଅନେକ ଆହ୍ୱାନପୂର୍ଣ୍ଣ ପରିସ୍ଥିତିକୁ ସାମ୍ନା କରନ୍ତି । ଏଭଳି ସ୍ଥିତିରେ ସୁରକ୍ଷା ଓ ଦକ୍ଷତାର ଉଚ୍ଚ ମାନକକୁ ବଜାୟ ରଖିବା ନିମନ୍ତେ କଣ ପଦକ୍ଷେପ ନିଆଯାଇଛି ?**

**ଉତ୍ତର -** ବିଶେଷ ଭାବେ ହାତୀ କରିଡ଼ର ତଥା ସର୍କଲର ସମଗ୍ର ଅଞ୍ଚଳରେ ଆମେ ସୁରକ୍ଷା ସଚେତନତା ରଥ ବୁଲାଉଛୁ, ଗାଁ ଗାଁରେ ପଥପ୍ରାନ୍ତ ନାଟକ ଆୟୋଜନ କରୁଛୁ । ବିଜୁଳି ସୁରକ୍ଷା ନିୟମାବଳୀ ମାନିବାକୁ ଉପଭୋକ୍ତା ସଂପ୍ରଦାୟଙ୍କୁ ସଚେତନ କରାଉଛୁ । କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ରହିବା ନିମନ୍ତେ ସୁରକ୍ଷା ଟୁଲ୍ ର ବ୍ୟବହାରକୁ ବାଧ୍ୟତାମୂଳକ କରିଛୁ । ସୁରକ୍ଷା ଉପକରଣ ଓ କିଟ୍ ବିନା କର୍ମଚାରୀମାନେ ଯେପରି କୌଣସି ବିଜୁଳି ଭିତ୍ତିଭୂମି କାର୍ଯ୍ୟରେ ନିୟୋଜିତ ନହେବେ ତାହା ସୁନିଶ୍ଚିତ କରିଛୁ । ସେହିପରି ଫୁଲବାଣୀଠାରେ କମ୍ପାନୀ ନିଜର ହ୍ୟାଣ୍ଡ୍ସ ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା କରିଛି । ସର୍କଲର ସମସ୍ତ କର୍ମଚାରୀମାନେ ଟ୍ରେନିଂ ସେଣ୍ଟରରେ ସୁରକ୍ଷା ସମ୍ପର୍କିତ ତାଲିମ ନେଉଛନ୍ତି ।

**୪. ଓଡ଼ିଶାର କାଶ୍ମୀର ଦାରିଙ୍ଗିବାଡ଼ି, ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । ଏଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳରେ ଆପଣ କିପରି ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରୁଛନ୍ତି ?**

**ଉତ୍ତର-** ଦାରିଙ୍ଗିବାଡ଼ି ଓ ଆଖପାଖ ଅଞ୍ଚଳରେ ବିଜୁଳି ଭିତ୍ତିଭୂମିର ଆଗୁଆ ମରାମତି ତଥା ରକ୍ଷଣାବେକ୍ଷଣ ଉପରେ ଆମେ ଅଧିକା ଗୁରୁତ୍ୱ ଦେଉଛୁ । ଶୀତ ଦିନରେ ଏଠାରେ ଲୋକଙ୍କ ସଂଖ୍ୟା ବଢୁଥିବା ହେତୁ ଆମେ ଏଠାକାର ବିଜୁଳି ଚାହିଦା ମେଣ୍ଟାଇବା ନିମନ୍ତେ ସ୍ୱତନ୍ତ୍ର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରୁଛୁ ଓ ସ୍ୱତନ୍ତ୍ର ଟିମ୍ ଗଠନ କରୁଛୁ । ଏହାସହ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହି ସମୟସାପେକ୍ଷ ନିଷ୍ପତ୍ତି ନେଉଛୁ । ଯାହା ଫଳରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ମିଳିପାରୁଛି ।

**୫. କାର୍ଯ୍ୟକ୍ଷେତ୍ର ବାହାରେ, ଆପଣ ନିଜର ଅବସର ସମୟକୁ କିପରି ଅତିବାହିତ କରନ୍ତି ?**

**ଉତ୍ତର-** ସମୟ ମିଳିଲେ, ସଙ୍ଗୀତ ଶୁଣିବାକୁ ଭଲ ଲାଗେ । କିଶୋର କୁମାରଙ୍କ ସଙ୍ଗୀତ ଜୀବନରୁ ବିଷାଦ ମେଣ୍ଟାଇଦିଏ । ବହି ପଢ଼ିବାକୁ ମଧ୍ୟ ଭଲ ପାଏ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ବହି ମୋର ପସନ୍ଦ । ସେମିତି, ବେଳେବେଳେ ଖେଳିବାକୁ ଭଲ ପାଏ । ବ୍ୟାଡମିଣ୍ଟନ୍ ମୋ ପସନ୍ଦର ଖେଳ । ଫାଙ୍କା ସମୟରେ ପରିବାରକୁ ସମୟ ଦିଏ । ବୃତ୍ତିଗତ ଜୀବନ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସମନ୍ୱୟ ରଖିବାକୁ ଚେଷ୍ଟା କରେ । ଏହାଛଡ଼ା ବିଭିନ୍ନ ସାମାଜିକ ଗୋଷ୍ଠୀ ଓ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଭଲ ପାଏ ।

# CEO's DESK



Dear Team,

As we approach the close of another financial year, I express my heartfelt thanks to each of you for your dedication and hard work. Your resilience in overcoming challenges, adapting to change, and staying focused on our shared goals has been instrumental in helping us achieve our targets.

Over the past year, we have made significant strides in strengthening the region's power infrastructure with the development of 33 KV lines, PTR installations, and augmentation works across key areas in Southern Odisha. Our collective efforts have been recognised at the Times Business Awards, where we received the Rural Power Distribution Performance Beacon Award, presented by Hon'ble Union Minister for Education, Shri Dharmendra Pradhan. In our continued drive toward sustainability, we have also enabled access to rooftop solar solutions and e-bill services for our consumers.

As we step into FY 2026–27, let's build upon these achievements, embrace innovations, and continue pushing boundaries together. Let's move forward with the same passion, teamwork, and commitment that define us.

Warm Regards,
**Mr. Amit Kumar Garg**
**CEO TPSODL**

# The Story of Rural Transformation Honoured at Times Business Awards

Ensuring reliable electricity in the remote and challenging regions of Southern Odisha requires constant effort, strong systems and dedicated teamwork. Across villages, forested areas, and hilly terrain, a reliable power supply has become a backbone for education, healthcare, agriculture, and rural livelihoods.

Recognising these sustained efforts, TPSODL has received the Rural Power Distribution Performance Beacon Award at the Times Business Awards held in Bhubaneswar. Organised by The Times of India group, the award honours strong performance and consistent improvement in rural power distribution. The honour was presented by Union Minister for Education, Shri Dharmendra Pradhan, and received by Mr Amit Kumar Garg, CEO, TPSODL.




The award has been given in recognition of TPSODL's focused work to improve electricity supply in rural and remote areas of Southern Odisha. The southern region of Odisha is predominantly tribal, characterised by forested areas and hilly terrain. Over the years, TPSODL has worked to ensure quality electricity for households as well as essential services. One key reason for this improvement is the use of technology and network strengthening. SCADA-based systems help monitor the network in real time and detect faults quickly. GIS tools support better planning and load management. Drone inspections help identify issues in difficult and forested areas.

Alongside these continuous infrastructure upgrades such as the construction of new primary substations, DTR augmentation, voltage improvement measures, and underground cabling in vulnerable areas have significantly improved safety and reduced outages, reinforcing TPSODL's commitment to powering progress in rural Odisha.

1 Executive Spotlight
3 Operational Excellence
4 Consumer Centricity
5 Event Hub
6 Empowering Community
7 Travel Treasure
8 In Focus
9 Safety Comic
10 Press Coverage Report

# Operational Excellence

## New 33 KV Line Improves Power Infrastructure in Koraput

TPSODL has commissioned a new 33 KV line of 4.73 CKM at Marthamput in Koraput district. The feeder now delivers power directly from the Lamtaput Grid Substation to the Marthamput Primary Substation, ensuring a reliable, steady electricity supply.



The new line will benefit over 2,000 consumers across several Panchayats in the Lamtaput block, including Guneipada, Godihanjr, Jalahanjar, Chikenput, Anokadli, and Badigada. Schools, health centres, Anganwadi centres, irrigation facilities, small businesses, and households in these areas will now have uninterrupted access to quality power, improving service reliability across the region.

Earlier, power was supplied to Marthamput Primary Substation via a 70 km-long 33 KV line from the Sunabeda Grid Substation, which traversed dense forests and hilly terrain. The new dedicated feeder has significantly improved the quality and reliability of the electricity supply.

An N-1 backup arrangement through the Nadapur feeder further strengthens the network. If one line faces a fault or requires maintenance, the alternate feeder automatically takes over, ensuring continuity of supply and minimal disruption for consumers.

This project demonstrates TPSODL's operational focus on modern infrastructure, network resilience, strategic feeder arrangements, and redundancy measures. Through these initiatives, the company continues to deliver dependable electricity and enhance service quality in some of Southern Odisha's most remote areas.

## TPSODL Electrifies 274 PVTG Habitations Across Southern Odisha

Deep inside the forested hills of Southern Odisha, the glow of electric light now flickers in villages that once lived in darkness. For hundreds of families from Particularly Vulnerable Tribal Groups (PVTGs), the arrival of electricity marks not just progress but transformation.

TPSODL has brought reliable power to 274 tribal habitations across Malkangiri, Rayagada, Gajapati, Ganjam and Kandhamal. In some of the most inaccessible areas, where laying power lines was impossible, 17 habitations have been lit up through a decentralised solar system, ensuring that even the last village is not left behind.

In these newly electrified hamlets, children now study after sunset, health centres preserve medicines safely, and families no longer trek miles to charge their phones. Small enterprises are emerging, and communities once isolated by nature's barriers are finding their first link to the outside world.

For Odisha's tribal heartland, the first spark of electricity is a symbol of inclusion, dignity, and new beginnings.



# Consumer Centricity

## TPSODL Participates in 25th Edition of CII Enterprise Odisha

TPSODL participated in the 25th edition of CII Enterprise Odisha in Rourkela, where the 'Energy Pavilion' was inaugurated by Hon'ble Chief Minister Shri Mohan Charan Majhi. Dignitaries present included Shri Sampad Chandra Swain, the Hon'ble Minister for Industries, Skill Development and Technical Education; Shri Durgacharana Tanti, Hon'ble MLA of Raghunathpali; and Shri Hemant Sharma, IAS, Additional Chief Secretary of the Government of Odisha.

The pavilion showcased Odisha's energy ecosystem, highlighting key initiatives and innovations in the power sector. Visitors learned about energy conservation, renewable energy integration, and the latest technological advancements.



## ଜିଲ୍ଲା ମହୋତ୍ସବରେ ୟୁଏଲ୍ଏ ମଡେଲକୁ ନେଇ ସଚେତନତା

ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲ୍ଏ ମଡେଲ ଘରୋଇ ତଥା ୧କିଲୋୱାଟର ଚୁକ୍ତି ବଦ୍ଧ ଉପଭୋକ୍ତାଙ୍କ ପାଇଁ ବେଶ୍ ଉପଯୋଗୀ । ମାତ୍ର ୧କିଲୋୱାଟର ସୌର ପ୍ୟାନେଲ ପାଇଁ ୧୮୭୫ଟଙ୍କା ପୈଠ କରିବାକୁ ପଡ଼ିବ ଉପଭୋକ୍ତାଙ୍କୁ । ଏଥିସହିତ ସୋଲାର ମିଟର ମୂଲ୍ୟ ୩୭୪୭ଟଙ୍କା ଅତିରିକ୍ତ । ଟିପିଏସ୍ଓଡିଏଲ୍ ତରଫରୁ ଏ ସୁବିଧା ଯେପରି ଭାବରେ ସବୁ ସ୍ଥାନରେ ସବୁ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଟିପିଏସ୍ଓଡିଏଲ୍ ତରଫରୁ ବହୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହି କ୍ରମରେ ବିଭିନ୍ନ ଜିଲ୍ଲାରେ ଆୟୋଜିତ ଜିଲ୍ଲା ମହୋତ୍ସବରେ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ପ୍ରଦର୍ଶନ କରାଯାଉଛି । ଯାହା ମାଧ୍ୟମରେ ଜନସାଧାରଣଙ୍କୁ ଯୋଜନାର ଲାଭ, ସରକାରୀ ସବସିଡିର ସୁବିଧା ଓ ଆବେଦନ ପ୍ରକ୍ରିୟା ବାବଦରେ ଜଣାଯାଉଛି ।




ମାଲକାନଗିରି ଜିଲ୍ଲାର ମାଲ୍ୟବନ୍ତ ମହୋତ୍ସବ, ଗୋପାଳପୁର ବେଳାଭୂମି ମହୋତ୍ସବ, ଗଜପତି ଜିଲ୍ଲାରେ ଆୟୋଜିତ ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳା, କନ୍ଧମାଳ ଜିଲ୍ଲାରେ ଆୟୋଜିତ କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ବୌଦ୍ଧ ଜିଲ୍ଲାରେ ଆୟୋଜିତ ବୌଦ୍ଧ ମହୋତ୍ସବ ରେ ଟିପିଏସ୍ଓଡିଏଲ୍ ତରଫରୁ ୟୁଏଲ୍ଏ ମଡେଲକୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ଆପଣଙ୍କ ବିଜୁଳି ବିଲ୍ କୁ ଜାଣନ୍ତୁ

### ଜାଣନ୍ତି କି!!

ବିଜୁଳି ବିଲ୍ ର ସହାୟତାରେ ଆପଣ କେଉଁ ସବୁ ପାଇ ତଥ୍ୟ ପାଇପାରିବେ...

- ବିଜୁଳି ବିଲ୍ ରେ ଉପଲବ୍ଧ କ୍ୟୁଆର୍ କୋଡ୍ ସହାୟତାରେ ଆପଣ, ଆପଣଙ୍କ ବିଦ୍ୟୁତ ବିଲ୍ ଦେୟ ସହଜରେ ପୈଠ କରିପାରିବେ ।
- ଗତମାସର ବିଦ୍ୟୁତ ବିଲ୍ ବାବଦରେ ଜାଣିପାରିବେ
- ଆପଣଙ୍କ ବିଜୁଳି ଖର୍ଚ୍ଚର ସବିଶେଷ ବିବରଣୀ ପାଇପାରିବେ
- ଆପଣଙ୍କ ବିଲ୍ ଉପରେ ମିଳୁଥିବା ଭିନ୍ନ ଭିନ୍ନ ତଥା ସମସ୍ତ ରିହାତି ବାବଦରେ ଜାଣିପାରିବେ



## Happy Consumer

### ଝିଲ୍ଲୀ ରଥ - ଆସିକା



ଟିପିଏସ୍ଓଡିଏଲ୍ ତରଫରୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ ସେବାରେ ମୁଁ ଖୁସି ଅଛି । ଆଗ ଭଳି ଆଉ ଲାଇନ୍ କଟୁ ନାହିଁ । ମୁଁ ଏବେ ଡିଜିଟାଲ ପେମେଣ୍ଟ ବାବଦରେ ଜାଣିବାକୁ ପାଇଲି ଏଥିସହିତ ରୁଫ୍ ଟପ୍ ସୋଲାର ବାବଦରେ ମଧ୍ୟ ଜାଣିଲି । ଏଥିପାଇଁ ଟିପିଏସ୍ଓଡିଏଲକୁ ଧନ୍ୟବାଦ ଜଣାଉଛି

# Event Hub

## Strength in Motion: TPSODL Brings Partner Together at BA Sports Meet 2026

TPSODL hosted the BA Sports Meet 2026, bringing together the Business Associates. The event embodied the spirit of teamwork, enthusiasm, and shared achievement that defines TPSODL's culture.

Participants competed in a range of energetic events, including sprints, relays, long jump, shot put, tug-of-war, and musical chairs. The stadium reverberated with cheers and camaraderie as teams showcased both competitive zeal and unity.

Senior leaders joined the celebration, applauding the enthusiasm and teamwork that turned the meet into a joyful symbol of health, harmony, and togetherness.



## TPSODL Employees Participates in the TATA Ultra Marathon





TPSODL employees Ms. Santosi Gouda and Mr. Simhadri Manikanta participated in the 9th Edition of Tata Ultra Marathon 2026, held in Lonavala, Maharashtra. Ms Gouda secured an impressive 7th place, while Mr Manikanta completed the challenging marathon, showcasing determination and endurance.

Recognised as one of India's premier ultramarathons and certified by the Athletics Federation of India, the event drew over 2,000 athletes from across the country. Their achievements truly reflect our core values of resilience, teamwork, and excellence, motivating us all to go the extra mile.



## TPSODL Celebrates the 187th Birth Anniversary of JN Tata

TPSODL commemorated the 187th birth anniversary of Jamsetji Nusserwanji Tata, honouring the legacy, vision, and values of its founder, whose principles continue to guide the organisation. The day also marked the successful conclusion of Ethics Week 2026.

The celebration brought together employees and the senior leadership team, who paid tribute to the visionary founder and emphasised the importance of ethics in modern corporate operations. Employees pledged to uphold the highest standards of professional conduct and to adhere to the values of JN Tata.

## TPSODL Observes Women's Day with the Spirit of Give to Gain



TPSODL celebrated International Women's Day, honouring the remarkable contributions of its women workforce through an event filled with energy and inspiration. The celebration brought together women employees from across the organisation who participated in fun games, engaging cultural performances, and interactive sessions that fostered a spirit of empowerment and camaraderie.

Adding to this, a panel discussion on "Gender Equity as a Business Need: How Inclusion Drives Directional Excellence in Power Utilities" was also held, during which TPSODL's women's leadershipa team shared their insights and experiences on advancing gender inclusivity in the workplace.

In alignment with this year's theme, "Give to Gain", a donation drive was also organised to support community causes, reaffirming TPSODL's ongoing commitment to gender equality, social responsibility, and inclusive growth.

# Empowering Community

## TPSODL Begins Month-Long Tata Volunteering Week



On the occasion of Jamsetji Tata's birth anniversary, TPSODL inaugurated the Tata Volunteering Week, an event-based initiative aimed at uniting employees to contribute towards meaningful community causes. The month-long celebration embodies the Tata Group's commitment to nation-building and collective social responsibility. Through a series of impactful activities, employees are encouraged to volunteer their time and skills for the betterment of society.

This year's edition features various initiatives such as health and environment awareness session, road and fire safety workshop, along with engagement programs aimed at promoting sustainable development and community welfare. The initiative not only fosters a sense of purpose and belonging among employees but also reinforces TPSODL's dedication to creating a positive social impact.

## ମହିଳା ସଶକ୍ତିକରଣ କ୍ଷେତ୍ରରେ ଟିପିଏସ୍ଓଡିଏଲର ଯୋଗଦାନ

ସମାଜରେ ମହିଳା ସଶକ୍ତିକରଣ ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ନିଆଯାଇଛି ବହୁ ଅଭିନବ ପଦକ୍ଷେପ । ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କମ୍ପାନୀ ତା'ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ବିଭାଗ ଅଧୀନରେ ବହୁ କାର୍ଯ୍ୟକ୍ରମ ଜାରି ରଖିଛି । ଯଦ୍ୱାରା ମହିଳାମାନେ ସାମାଜିକ ଓ ଆର୍ଥିକ ସ୍ତରରେ ଦକ୍ଷ ହୋଇ ପାରିଛନ୍ତି । ଯାହା କମ୍ପାନୀର ମହିଳା ସଶକ୍ତିକରଣ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

### ପଞ୍ଚମଙ୍ଗଳମ୍ ଧୂପବତୀ କେନ୍ଦ୍ର:-

ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ଗ୍ରାମପଞ୍ଚାୟତ ଅଧୀନସ୍ଥ ପଞ୍ଚମା ଗାଁ । ଏହି ଗାଁରେ ଟିପିଏସ୍ଓଡିଏଲ୍ ତରଫରୁ ସ୍ଥାପିତ "ପଞ୍ଚ ମଙ୍ଗଳମ୍ ଧୂପବତୀ କେନ୍ଦ୍ର"। ଗାଁର ଏସ୍ଏଚଜି ମହିଳାମାନେ ସ୍ଥାନୀୟ ମନ୍ଦିରରୁ ମଉଳା ଫୁଲ ସଂଗ୍ରହ କରନ୍ତି । ଆଉ ସେଇ ଫୁଲକୁ ପରବର୍ତ୍ତୀ ସମୟରେ ଶୁଖାଇ ଏବଂ ଆବଶ୍ୟକୀୟ ସାମଗ୍ରୀ ପ୍ରୟୋଗ କରି ମେସିନ ମାଧ୍ୟମରେ ଧୂପକାଠି ପ୍ରସ୍ତୁତ କରନ୍ତି । ମଉଳା ଫୁଲରୁ ପ୍ରସ୍ତୁତ ହେଉଥିବା ଏହି ଧୂପକାଠି ପରିବେଶ ଅନୁକୂଳ ଅଟେ । ଯାହା ଏକ ସ୍ଥାୟୀ ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିଥାଏ । ପଞ୍ଚ ମଙ୍ଗଳମ୍ ଧୂପବତୀ କେନ୍ଦ୍ରରେ ପ୍ରାୟ ୧୦୦ଜଣ ମହିଳା ଧୂପକାଠି ପ୍ରସ୍ତୁତିର ତାଲିମ ନେବା ସହ ଏହାକୁ ସ୍ଥାନୀୟ ଗାଁ ଏବଂ ବଜାର ତଥା ବିଭିନ୍ନ ସମୟରେ ଷ୍ଟଲ୍ ପ୍ରଦର୍ଶିତ କରି ସେଠାରେ ବିକ୍ରି କରି ଏ ଦିଗରେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ।

### ଅନୋଖା ଧାଗା ସେଣ୍ଟର:-



ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଡୁରା ଗ୍ରାମପଞ୍ଚାୟତର ବାହାଦୂରପେଟାଠାରେ ଟିପିଏସ୍ଓଡିଏଲ୍ ତରଫରୁ ଅନୋଖା ଧାଗା ସେଣ୍ଟର ସ୍ଥାପିତ ହୋଇଛି । ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ସହଭାଗିତାରେ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ କମ୍ପାନୀ ତରଫରୁ ଏହି ପଦକ୍ଷେପ ନିଆଯାଇଛି । 'ଅନୋଖା ଧାଗା' କାର୍ଯ୍ୟକ୍ରମ ମାଧ୍ୟମରେ ଟିପିଏସ୍ଓଡିଏଲ୍ ଗ୍ରାମାଞ୍ଚଳ ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ପ୍ରଗତି ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି । ମହିଳାମାନେ ସିଲେଇ ପ୍ରଶିକ୍ଷଣ ନେବାଠାରୁ ଆରମ୍ଭ କରି ଉଦ୍ୟୋଗ ସୃଷ୍ଟି କରିବା ଓ ଏହାକୁ ସଫଳତାପୂର୍ବକ ଚଳାଇବା ନିମନ୍ତେ ଆବଶ୍ୟକ ବିଭିନ୍ନ ପ୍ରକାର ଆନୁଷଙ୍ଗିକ ସହାୟତା କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି । ସେହିଭଳି ବ୍ୟବସାୟ କିଭଳି ପରିଚାଳିତ ହୁଏ ସେ ନେଇ ମଧ୍ୟ ମହିଳାମାନଙ୍କୁ ତାଲିମ ଦିଆଯାଇଛି । ଫଳତଃ ଏହି କେନ୍ଦ୍ରରେ ତାଲିମ ନେବା ସହ ଶତାଧିକ ମହିଳା ତଥା ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି । ବିଭିନ୍ନ ସମୟରେ ଭିନ୍ନଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀ ରେ ଏହି ମହିଳାମାନଙ୍କ ହାତ ତିଆରି ବହୁ ଜିନିଷ ପ୍ରଦର୍ଶିତ ହୋଇ ପାରୁଛି । ଯାହା ଲୋକଙ୍କ ପାଖରେ ବେଶ୍ ଆଦର ସାଉଁଟିବା ସହ ମହିଳାମାନେ ଏସବୁ ବିକ୍ରି କରି ରୋଜଗାରକ୍ଷମ ହୋଇପାରିଛନ୍ତି ।

### ବ୍ୟୁଟିସିଆନ ପ୍ରଶିକ୍ଷଣ:-

ଟିପିଏସ୍ଓଡିଏଲ୍ ତରଫରୁ ଧନ୍ଦାମୂଳକ ତାଲିମ କେନ୍ଦ୍ର (ଭିଟିସି) ଆସିକା ଠାରେ ବ୍ୟୁଟିସିଆନମାଳଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଯେଉଁଥିରେ ପ୍ରାୟ ୬୦ଜଣ ମହିଳା ସାମିଲ ହୋଇଥିଲେ । ଏଠାରେ ବିଭିନ୍ନ ପ୍ରକାରର ତାଲିମ ପ୍ରଦାନ କରାଯାଇଥିଲା । ଯଥା ମେକଅପ୍, ୱାକ୍ସିଂ, ପେଡିକ୍ୟୁର ଭଳି ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରାଯାଇଛି । ଯାହାକୁ ମହିଳାମାନେ ଶିଖିବା ପରେ ଏ ଦିଗରେ ନିଜର କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କରି ପାରିଛନ୍ତି । ଏଥିସହିତ ବିଭିନ୍ନ ବ୍ୟୁଟିପାର୍ଲରରେ ରୋଜଗାର ପାଇଛନ୍ତି ।

# ଆସ ବୁଲି ଯିବା – ବାଲଦା ଗୁମ୍ଫା




ଜଙ୍ଗଲ, ପାହାଡ଼ ଓ ଜନଜାତି ଜିଲ୍ଲା କୋରାପୁଟର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ- ବାଲଦା ଗୁମ୍ଫା । ବାଲଦା ଗୁମ୍ଫା, ପୂର୍ବଘାଟ ପର୍ବତମାଳାର ଘଞ୍ଚ ଜଙ୍ଗଲ ଓ ଉପତ୍ୟକାର ବଳୟ ଭିତରେ ରହିଛି । କୋରାପୁଟ ସହରଠାରୁ ଏହି ମାଳଭୂମିର ଦୂରତା ୭୬ କିଲୋମିଟର, ସଡ଼କ ପଥରେ ଯିବାକୁ ୨ ଘଣ୍ଟା ସମୟ ଲାଗେ । ଗୁମ୍ଫାକୁ ଯିବା ପାଇଁ ନନ୍ଦପୁର ବ୍ଲକ ମୁଖ୍ୟରାସ୍ତାରୁ ୪ କିଲୋମିଟର ପାହାଡ଼ ଚଢ଼ି ଯିବାକୁ ପଡ଼େ । ଅଧିକାଂଶ ପର୍ଯ୍ୟଟକ ଦୁଇ ଚକିଆ ଯାନ ଯୋଗେ ଗୁମ୍ଫା ପାଖକୁ ଯିବାକୁ ପସନ୍ଦ କରନ୍ତି । ଧିରେ ଧିରେ ଟ୍ରେକିଂ, କ୍ୟାମ୍ପିଂ ଓ ଫଟୋଗ୍ରାଫି ପାଇଁ 'ବାଲଦା ଗୁମ୍ଫା' ଓ ଏହାର ସମତଳ ମାଳଭୂମି ରାଜ୍ୟ ତଥା ରାଜ୍ୟ ବାହାରେ ଲୋକପ୍ରିୟ ହେଉଛି ।

ଗୁମ୍ଫାର ଉପର ଭାଗରେ ରହିଛି ଏକ ବିସ୍ତୀର୍ଣ୍ଣ ସମତଳ ମାଳଭୂମି, ଗୋଟାଏ ଛୋଟିଆ ଜଳାଶୟ, ଯାହା ହ୍ରଦର ଭ୍ରମ ସୃଷ୍ଟି କରୁଛି । ତା ସାଙ୍ଗକୁ, ପାହାଡ଼ ଉପରୁ ଜଳାପୁଟ ଜଳଭଣ୍ଡାରର ନୀଳ ଜଳରାଶିର ଦୃଶ୍ୟ ମଧ୍ୟ ବେଶ ମନଲୋଭା । ଦେଓମାଳି ଭଳି ପର୍ଯ୍ୟଟକମାନେ ଏଠାରେ କ୍ୟାମ୍ପିଂ କରୁଛନ୍ତି, ଭୋଜିଭାତ ସାଙ୍ଗକୁ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟର ମଜ୍ଜା ନେଉଛନ୍ତି । ମୌସୁମୀରେ ବାଲଦା ଗୁମ୍ଫାର ଶୋଭା ଆହୁରି ବଢ଼ିଯାଏ । ଠା' ଠା'ରେ ଦେଖିବାକୁ ମିଳେ ଛୋଟିଆ ଛୋଟିଆ ଜଳପ୍ରପାତ । ରାସ୍ତା ସାରା କେବଳ ଘଞ୍ଚ ଜଙ୍ଗଲ ଓ ଝରଣାର କ୍ଷୀଣ ସ୍ୱର । ଏସବୁର ଅନୁଭୂତି ପାଇଁ ପର୍ଯ୍ୟଟକ ବୁଲି ଆସନ୍ତି – ବାଲଦା ଗୁମ୍ଫା। ସ୍ଥାନୀୟ ଜନଜାତିମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ସହ ବାଲଦା ଗୁମ୍ଫା ଓତପ୍ରୋତ ଭାବେ ଜଡ଼ିତ । ଚୈତ୍ର ମାସରେ ବାଲଦା ଗୁମ୍ଫାରେ ପୂଜାର୍ଚ୍ଚନା ହୁଏ । ସେମାନଙ୍କ ଆରାଧ୍ୟ ଦେବତା 'ଡୋଙ୍ଗରା ଦେଇ' ସେହି ଗୁମ୍ଫାରେ ରୁହନ୍ତି । ପୁରା ନାଗେଶ୍ୱରୀ ପାହାଡ଼, ଯାହାର ଗୋଟିଏ ଭାଗରେ ଏହି ଗୁମ୍ଫା ରହିଛି, ଜନଜାତି ସଂପ୍ରଦାୟଙ୍କ ପାଇଁ ଦେବତାଙ୍କ ଘର । ଜନଜାତି ଲୋକେ ପରିବାର ସହ ପାହାଡ଼ ଉପରକୁ ଯାଇ 'ପରବ' ପାଳନ୍ତି । ସାଙ୍ଗ ହୋଇ ଗୀତ ଗାଆନ୍ତି, ନାଚନ୍ତି ଓ ଭୋଜି କରନ୍ତି । ପରବ ସମୟରେ ବାଲଦା ଗୁମ୍ଫାରେ




ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢ଼େ । କ୍ୟାମେରାରେ ଜନଜାତିର ଜୀବନକୁ କଏଦ କରିବାକୁ ପର୍ଯ୍ୟଟକମାନେ ବହୁମାତ୍ରାରେ ପହଞ୍ଚନ୍ତି ।

ବାଲଦା ଗୁମ୍ଫା କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଜନଜାତିଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନର ବାର୍ତ୍ତାବହ । ଏସବୁ ଅନୁଭୂତି ସ୍ୱତନ୍ତ୍ର ଓ ଅଲିଭା ।

ବ୍ୟସ୍ତମୟ ଜୀବନରୁ, କେବେ ସମୟ ମିଳିଲେ - ବୁଲି ଆସନ୍ତୁ, କୋରାପୁଟର 'ବାଲଦା ଗୁମ୍ଫା'

# In Focus

## TPSODL Honoured its linemen for their dedication



Linemen are always the backbone of any Power sector, recognising these heroes, TPSODL celebrated Lineman Diwas across its 6 circles, honouring the dedication, courage and service of its frontline workforce. Linemen from various divisions of Southern Odisha participated in the programme with pride and enthusiasm, where they were felicitated for their commitment to ensuring a safe, reliable, and resilient power supply across the region.

TPSODL CEO Mr Amit Kumar Garg appreciated linemen for their hard work in harsh weather, remote terrain, and time-bound situations. Linemen continue to embody the true spirit of service, and their dedication and discipline keep the network strong.

The event also marks the inauguration of National Safety Month, with the theme, "Engage, Educate and Empower People to Enhance Safety." A series of safety competitions and awareness activities is conducted throughout the month, prioritising the company motto of "Mission Zero Harm".

## Lineman Testimonial



### ସୂର୍ଯ୍ୟ ନାରାୟଣ ବିଶୋୟୀ

ଲାଇନମ୍ୟାନ୍ ଦିବସ ପାଳନ ହେଉଛି ଆମ ପାଇଁ ଗୋଟେ ଉତ୍ସାହ। ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର କଥା। ଲାଇନମ୍ୟାନ୍ ଭାବେ କାର୍ଯ୍ୟ କରିବା ସମୟରେ ଟିପିଏସ୍‌ଓଡିଏଲ୍ ଆମକୁ ସବୁପ୍ରକାରର ସୁବିଧା ଯୋଗାଇ ଦେଇଛନ୍ତି। ଆମେ ସବୁବେଳେ ସୁରକ୍ଷା ନିୟମକୁ ପାଳନ କରୁଛୁ।



### ବାଲି ପଲାଇ

ବର୍ଷକୁ ଥରେ ଲାଇନମ୍ୟାନ୍ ଦିବସ ପାଳନ କରାଯାଉଛି । ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ । ଆମ ସହକର୍ମୀମାନେ ଏହାକୁ ନେଇ ବହୁତ ଖୁସି ଅଛନ୍ତି । ସବୁବେଳେ ଆମେ ସୁରକ୍ଷାର ସହ କାର୍ଯ୍ୟ କରିବା । ଟିପିଏସ୍‌ଓଡିଏଲକୁ ବହୁତ ବହୁତ ଧନ୍ୟବାଦ ।

ଏଇ ଅବସରରେ ମୋର ଏକ ଘଟଣା ମନେ ପଡୁଛି । ଆମ କାର୍ଯ୍ୟକ୍ଷେତ୍ର ପରିସରରେ ଯେତେବେଳେ ଆମେ ଫିଲ୍ଡ ଉପରକୁ ଯାଇ ଦେଖିଲୁ, ସେହି ଅଞ୍ଚଳର ଲୋକମାନେ ଲାଇନ ପାଇଁ ବହୁତ ବ୍ୟାକୁଳ ହେଉଥିଲେ । କଣ ଅସୁବିଧା ହେଉଥିଲା ଆମେ ପ୍ରଥମେ ସାରଙ୍କ ସହ କଥା ହେଲୁ ଏବଂ ଟିମ୍ ସହ ତାର ସମାଧାନ କରିଲୁ ।

ଲୋକମାନଙ୍କର ସବୁ ସମସ୍ୟାର ସମାଧାନ ହେଲା । ଏଥିସହିତ ଲୋକଙ୍କୁ ଆଉ କିଛି ଅସୁବିଧା ବାବଦରେ ମଧ୍ୟ ପଚାରି ବୁଝିଲୁ । ଏବେ ସମସ୍ୟାର ସମାଧାନ ହେବା ପରେ ସମସ୍ତେ ଖୁସି ଅଛନ୍ତି । ଲୋକଙ୍କ କାମ ସମାଧାନ ହେଲେ ବହୁତ ଖୁସି ମିଳେ ।

# Safety Comic



# Press Coverage Report

## ଟିପିଏସ୍ଓଡିଏଲ୍‌କୁ ମିଳିଲା ଟାଇମ୍ସ ବିଜନେସ୍ ଆୱାର୍ଡ

## ଗ୍ରାମାଞ୍ଚଳ ବିଜୁଳି ଯୋଗାଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ



ସମୟ
22 Jan 2026 - Page 5

## ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ବ୍ୟାପକ ଅଭିଯାନ



## ମଣିଷ-ହାତୀ ସଂଘର୍ଷ ହ୍ରାସ କରିବାକୁ ଟିପିଏସ୍ଓଡିଏଲ୍ ପକ୍ଷରୁ 'ଗଜ ସଂରକ୍ଷଣ' ପ୍ରକଳ୍ପ



## 75 लाइनमैन को समर्पण और सेवा भावना के लिए किया गया सम्मानित



दक्षिण ओडिशा में 55वें राष्ट्रीय सुरक्षा माह पर 75 लाइनमैन का किया गया सम्मान।

**जागरण संवाददाता, भुवनेश्वर :** टीपी सादर्न ओडिशा डिस्ट्रीब्यूशन लिमिटेड (टीपीएसओडीएल) ने लाइनमैन दिवस के अवसर पर अपने फ्रंटलाइन कर्मचारियों के समर्पण, साहस और सेवा भावना का सम्मान किया। इस मौके पर 55वें राष्ट्रीय सुरक्षा दिवस का उद्घाटन भी किया गया तथा संगठन के संचालन क्षेत्रों में राष्ट्रीय सुरक्षा माह की गतिविधियों की शुरुआत की गई। कार्यक्रम में विभिन्न डिवीजनों के लाइनमैन उत्साह और गर्व के साथ शामिल हुए। इस आयोजन का मुख्य आकर्षण करीब 75 लाइनमैनों को सम्मानित किया जाना रहा, जिनकी मेहनत और प्रतिबद्धता पूरे क्षेत्र में सुरक्षित, विश्वसनीय और मजबूत बिजली आपूर्ति सुनिश्चित करती है। कठिन मौसम, दूर-दराज के इलाकों और चुनौतीपूर्ण परिस्थितियों में कार्य करते हुए ये कर्मचारी सेवा की सच्ची भावना का परिचय देते हैं।

कार्यक्रम को संबोधित करते हुए टीपीएसओडीएल के सीईओ अमित कुमार गर्ग ने फील्ड टीमों के अथक प्रयासों की सराहना की। उन्होंने कहा कि लाइनमैन संगठन की रीढ़ हैं, जो चुनौतीपूर्ण परिस्थितियों में काम करते हुए बिजली आपूर्ति को निर्बाध बनाए रखते हैं। इस दौरान कर्मचारियों को सुरक्षा शपथ दिलाई गई और 'जीरो हार्म मिशन' के तहत सुरक्षा मानकों के पालन पर जोर दिया गया।

## ଦକ୍ଷିଣ ଓଡ଼ିଶାରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ଅଭିଯାନ

## ୧୦ ହଜାରରୁ ଅଧିକ ମହିଳାଙ୍କୁ କିଟ୍ ଓ ସଚେତନତା ବାଣ୍ଟିଲା କମ୍ପାନୀ



## ସୁନାବେଡ଼ାରେ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କଲା ଟିପିଏସ୍ଓଡିଏଲ୍

## ୭,୦୦୦ ଉପଭୋକ୍ତାଙ୍କୁ ମିଳିବ ଗୁଣାତ୍ମକ ବିଜୁଳି





TPSODL

TP SOUTHERN ODISHA
DISTRIBUTION LIMITED

(A Joint Venture of Tata Power and Government of Odisha)

**Get in touch with us:**
*corpcomm@tpsouthernodisha.com*

/TPSODL @TPSouthOdisha @tp_sodl @tpsodl /tpsodl